# ବୈଜ୍ଞାନିକ ଚିନ୍ତାଧାରା ମାନବ ସମାଜକୁ ସୁଦୃଢ଼ କରିପାରିବ


ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ର ପରିସରରେ ଦର୍ପଣ ଗ୍ୟାଲେରି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବିଜ୍ଞାନ କେନ୍ଦ୍ରରେ ଦର୍ପଣ ଗ୍ୟାଲେରି ଉଦ୍‌ଘାଟିତ**

ଢେଙ୍କାନାଳ,୧୬।୪(ରତନ ନାୟାର)

ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପରିସରରେ ଦର୍ପଣ ଗ୍ୟାଲେରି ବୁଧବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ, ବିଜ୍ଞାନ ନଗରୀ କୋଲକାତା ନିର୍ଦ୍ଦେଶକ ପ୍ରମୋଦ ଗ୍ରୋଭର ଓ ଜିଲା ବିଜ୍ଞାନ କେନ୍ଦ୍ର ବିଜ୍ଞାନ ଅଧିକାରୀ ଏମ.ଏମ. ରାଉତ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ହିରେନ୍ଦ୍ରନାଥ ଘୋଷ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଲକ୍ଷ୍ୟ ହାସଲ କରିବା ପାଇଁ ଆମ ଭିତରେ ଏକ ନିର୍ଦ୍ଦିଷ୍ଟ ଦୃଢ଼ତା ରହିବା ଆବଶ୍ୟକ। ବିଜ୍ଞାନକୁ ଏକ କ୍ୟାରିୟର ଭାବରେ ଗ୍ରହଣ କରିବା ଉଚିତ। ବୈଜ୍ଞାନିକ ଚିନ୍ତାଧାରା ଜୀବନ ଓ ମାନବ ସମାଜକୁ ସୁଦୃଢ଼ କରିପାରିବ। ବିଜ୍ଞାନ ନଗରୀ କୋଲକାତାର ନିର୍ଦ୍ଦେଶକ ପ୍ରମୋଦ ଗ୍ରୋଭର କହିଲେ, ବିଜ୍ଞାନ ପଢୁଥାଇପାର କିନ୍ତୁ ଯଦି ତୁମେ ଏହାକୁ ବୁଝିପାରୁନାହଁ, ତେବେ ବିଜ୍ଞାନ କେନ୍ଦ୍ରକୁ ଆସି ଗ୍ୟାଲେରିରେ ଥିବା ପ୍ରଦର୍ଶନୀ ଗୁଡ଼ିକୁ ଅନୁଧ୍ୟାନ କରି ସହଜରେ ବିଜ୍ଞାନ ଶିଖିପାରିବ। ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରି ମୋହନ ରାଉତ କହିଲେ, ଏହି ଗ୍ୟାଲେରୀ କିପରି ପ୍ରତିଫଳନ, ପରିବର୍ତ୍ତନଶୀଳ ଚିତ୍ର, ଭ୍ରମ, ପ୍ରତିସମତା ଏବଂ ଅସୀମ ସ୍ଥାନର ଆକର୍ଷଣୀୟ ଖେଳକୁ ସରଳ ଭାବରେ ବ୍ୟାଖ୍ୟା କରେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଶିକ୍ଷା ଏବଂ ମନୋରଞ୍ଜନ ଉଭୟ ପାଇଁ ଏକ ଅନନ୍ୟ ଶିକ୍ଷାପ୍ରଦାନ ସଂସ୍ଥା ଯେଉଁଠି ପ୍ରତିଫଳନ ଏବଂ ପ୍ରତିସରଣକୁ ବୁଝିବାର ଧାରଣା ବହୁତ ସହଜ ହୋଇଥାଏ। ଏହି ଅବସରରେ ଦର୍ପଣ ଗ୍ୟାଲେରିର ଏକ ସୂଚନା ପତ୍ରିକା (ବ୍ରୋଚର) ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଏହି ଦର୍ପଣ ଗ୍ୟାଲେରି ମଧ୍ୟରେ ଦର୍ଶକମାନେ ଦର୍ପଣ ଚକ୍ରବ୍ୟୁହ, ନିଜ ପ୍ରତିରୂପ ସହ ଭୋଜନ କରନ୍ତୁ, ଅଦୃଶ୍ୟ ପ୍ରତିଛବି, ବାୟୁରେ ଭାସନ୍ତୁ, ସମସ୍ତଙ୍କ ନଜର ମୋ ଉପରେ, ଅସାମାନ୍ୟ ଚାଲି, କୋଣ ଦର୍ପଣ, ଓଲଟା ପାଲଟା, ପାର୍ଶ୍ୱ ପ୍ରତିଛବି, ମନୋରଞ୍ଜକ ଦର୍ପଣ ଇତ୍ୟାଦି ରୋମାଞ୍ଚକ ପ୍ରଦର୍ଶନୀଗୁଡ଼ିକୁ ଅନୁଭବ କରିପାରିବେ। ଏହି ଅବସରରେ ଶିକ୍ଷକ, ଛାତ୍ରୀଛାତ୍ର ଓ ବିଜ୍ଞାନପ୍ରେମୀମାନେ ଉପସ୍ଥିତ ଥିଲେ। ବିଜ୍ଞାନ କେନ୍ଦ୍ରର ଶିକ୍ଷା ସହାୟକ ଶଙ୍କର ଗୁରୁଙ୍ଗ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ ।

# ଟ୍ରେନ୍‌ରୁ ଖସିପଡ଼ି ଯୁବକ ମୃତ

ଓଡ଼ାପଡ଼ା, ୧୬।୪ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ ରେଳଷ୍ଟେଶନରେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଳଚେର ବଲଣ୍ଡାରେ ରହୁଥିବା ରଞ୍ଜନ ବାରିକଙ୍କ ପୁଅ ରତିକାନ୍ତ (୨୫) ରାଉରକେଲା-ପୁରୀ ଇଣ୍ଟରସିଟି ଟ୍ରେନରେ ଭୁବନେଶର ଯିବା ପାଇଁ ଚଢ଼ିଥିଲେ। ହିନ୍ଦୋଳ ରୋଡ ରେଳଷ୍ଟେଶନରେ ଟ୍ରେନଟି ଅଟକି କିଛି ସମୟ ପରେ ଛାଡିଥିଲା। ସେହି ସମୟରେ ରତିକାନ୍ତ ଅନ୍ୟମନସ୍କ ହୋଇ ଖସିପଡ଼ିଥିଲେ। ରେଳବାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ହିନ୍ଦୋଳ ରୋଡ୍‌ରେ ଯୋଗ ଶିବିର

ଓଡ଼ାପଡ଼ା, ୧୬।୪(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡଠାରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଧ୍ୟାତ୍ମିକ ଯୋଗଗୁରୁ ରବିଶଙ୍କରଙ୍କ ଭକ୍ତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ରସାନନ୍ଦ ସ୍ୱାଇଁ ଯୋଗଦେଇ ଯୋଗର ଉପକାରିତା ଓ ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୪ଦିନ ବ୍ୟାପୀ ସକାଳ ୫ଟାରୁ ୭ଟା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଆୟୋଜକ ଶରତ ଚନ୍ଦ୍ର ସାହୁ ସୂଚନା ପ୍ରଦାନ କରିଛନ୍ତି।

# ମୁଖ୍ୟ ଆକର୍ଷଣ ଶିଳ୍ପୀକା ଗ୍ରୁପ୍ ଡ୍ୟାନ୍ସ



**ରାସୋଳ ମହୋତ୍ସବର ୩ୟ ସନ୍ଧ୍ୟା**

ରାସୋଳ,୧୬।୪(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ହାଟ ପଡିଆଠାରେ ଅନୁଷ୍ଠିତ ହେଉଥିବା ରାସୋଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା। ମେଳାରେ ଛୋଟଛୋଟ ପିଲାମାନେ ଦୋଳିର ମଜା ନେଉଥିବାର ଦେଖାଯାଇଥିଲା । ଏଥିସହିତ ଖାଦ୍ୟ ଷ୍ଟଲ ଓ ଅନ୍ୟାନ୍ୟ ଷ୍ଟଲଗୁଡ଼ିକରେ ଲୋକଙ୍କ ଭିଡ଼ ଜମିଥିଲା । ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଜିଲା ଓ ଦୌରାଜଜ୍ ସରୋଜ କୁମାର ପତି, ମୁଖ୍ୟବକ୍ତା ଭାବରେ ଅନୁଗୋଳ ଆମ୍ବେଡକର ସଂଗଠନର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଗୌତମ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ଶିଳ୍ପୀକା ଗ୍ରୁପ ଭୁବନେଶ୍ୱରର ଗ୍ରୁପ୍ ଡ୍ୟାନ୍ସ। ସଭାପତି ମହେଶ୍ୱର ନାୟକ, ସମ୍ପାଦକ ଭାସ୍କରଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ରାସୋଳ ବିକାଶ ପରିଷଦ ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହେଉଛି। ରାସୋଳ ଥାନା ଅଧିକାରୀ ବିଶ୍ୱରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।




# ଭବିଷ୍ୟତରେ ଆଇଆଇଟିଆନ ହେବାକୁ ଲକ୍ଷ୍ୟ: ଶ୍ରୀୟାଶିଳ୍ପୀ


ମାତାପିତାଙ୍କ ସହ ଶ୍ରୀୟାଶିଳ୍ପୀ।

ଢେଙ୍କାନାଳ,୧୬।୪(ରତନ ନାୟାର)

ଢେଙ୍କାନାଳ ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଶ୍ରୀୟାଶିଳ୍ପୀ ସାହୁ ଚଳିତ ସିବିଏସ୍‌ଇ ପରୀକ୍ଷାରେ ୯୯ପ୍ରତିଶତ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସୋସିଆଲ ସାଇନ୍ସରେ ସେ ୧୦୦ରୁ ୧୦୦ନମ୍ବର ରଖି କୃତୀତ୍ୱ ଅର୍ଜନ କରିଛନ୍ତି। ଭବିଷ୍ୟତରେ ସେ ଆଇଆଇଟିଆନ୍ ହେବାକୁ ଲକ୍ଷ୍ୟ ରଖିଥିବା ଗୁରୁବାର ଧରିତ୍ରୀକୁ କହିଛନ୍ତି । ଏହି ସଫଳତା ପାଇଁ ସେ ବେଶ୍ ଉତ୍ସାହିତ ଅଛନ୍ତି । ଦିନକୁ ୧୦ଘଣ୍ଟା ପରିଶ୍ରମ କରୁଥିବା ଶ୍ରୀୟାଶିଳ୍ପୀ କହିଛନ୍ତି, ମୋର ଆଶା ଥିଲା ୯୭ ପ୍ରତିଶତ ନମ୍ବର ରହିବ ବୋଲି । କିନ୍ତୁ ୯୯ ପ୍ରତିଶତ ନମ୍ବର ପାଇଥିବାରୁ ମୁଁ ବହୁତ ଖୁସି । ମୋର ସଫଳତା ପାଇଁ ଦିଲ୍ଲୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ମୋର ପିତାମାତା, ଭାଇ ଓ ଟିଉଶନ ଶିକ୍ଷକମାନେ ପ୍ରେରଣାର ଉତ୍ସ। ନିଷ୍ଠା ଓ ଏକାଗ୍ରତା ରହିଲେ କୌଣସି ବିଷୟ କଠିନ ନୁହେଁ ବୋଲି ସେ କୁହନ୍ତି । ଶ୍ରୀୟାଶିଳ୍ପୀ ଢେଙ୍କାନାଳ ସହର ଖମାର ସାହିରେ ରହୁଥିବା ଯୁବ ସାମାଜିକ କର୍ମୀ ସୁଶାନ୍ତ ସାହୁ ଓ ଅମିତା ସାହୁଙ୍କର ଜ୍ୟେଷ୍ଠକନ୍ୟା ଅଟନ୍ତି । ଝିଅର ସଫଳତାରେ ଉଭୟ ପିତାମାତା ଖୁସିଥିବା କୁହନ୍ତି। ଶ୍ରୀୟାଶିଳ୍ପୀ ଏଣ୍ଟ୍ରାନ୍ସ ଦେଇ ବର୍ତ୍ତମାନ ଚନ୍ଦ୍ରଶେଖର ଡିଏଭିରେ ନାମ ଲେଖାଇଥିବା ଜଣାପଡିଛି।

# ରିଲ୍ସ ପ୍ରତିଯୋଗିତାରେ ଢେଙ୍କାନାଳର ଅଙ୍କିତା ଓ ଆଦ୍ୟାଶା ପୁରସ୍କୃତ

ଢେଙ୍କାନାଳ,୧୬।୪(ରତନ ନାୟାର)



ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ ଉପଲକ୍ଷେ ଅନୁଷ୍ଠିତ ରିଲ୍ସ ପ୍ରତିଯୋଗିତାରେ ଢେଙ୍କାନାଳର ଅଙ୍କିତା ମିଶ୍ର ଓ ଆଦ୍ୟାଶା ମିଶ୍ର ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରରେ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । ସେ ଢେଙ୍କାନାଳର ଅରୁଣ ମିଶ୍ରଙ୍କ ଆଇଡିରେ ରିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ରଥଗଡ଼ାର ଇଂ. ଅରୁଣ କୁମାର ମିଶ୍ର ଖାଦ୍ୟ ସଂସ୍କୃତିରେ ଦହିପଖାଳ ଓ ଅଙ୍କିତା ମିଶ୍ର ଏବଂ ଆଦ୍ୟାଶା ମିଶ୍ର ଉଠକଙ୍କାଳ ଗୀତରେ ବଳିଷ୍ଠ ଅଭିନୟ କରି ପ୍ରତିଯୋଗିତାର ଶୀର୍ଷକୁ ଯାଇଥିଲେ । ଏହି ରିଲ୍ସ ପ୍ରସ୍ତୁତିରେ ଅବନୀ ମିଶ୍ର, ସତ୍ୟ ପ୍ରକାଶ ପତି ଓ ଆକାଂକ୍ଷା ଶତପଥୀ ସହଯୋଗ କରିଥିଲେ । ପୁରସ୍କୃତ ହେବା ପରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଉଭୟଙ୍କ ସଫଳତା ପାଇଁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉଭୟଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେହିପରି ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଓ ଲଳିତ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ପାସ୍ ହାର ଶତ ପ୍ରତିଶତ

ଢେଙ୍କାନାଳ,୧୬।୪(ରତନ ନାୟାର)


ସଂଗ୍ରାମ ସାହାଣୀ।


ଶୁଭମ ସାହୁ

ଚଳିତବର୍ଷ ସିବିଏସ୍‌ଆଇ ଦଶମ ଶ୍ରେଣୀ ପରୀକ୍ଷା ଫଳରେ ଢେଙ୍କାନାଳର ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ପାସ୍‌ହାର ଶତ ପ୍ରତିଶତ ହୋଇଛି। ପ୍ରଥମ ଶ୍ରେଣୀରେ ୨୦ଜଣ, ଦ୍ୱିତୀୟ ଶ୍ରେଣୀରେ ୪ଜଣ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସଂଗ୍ରାମ ସାହାଣୀ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଶୁଭମ ସାହୁ ୯୩ ପ୍ରତିଶତ, ଆଶୁତୋଷ ଦେହୁରୀ ୮୯ ପ୍ରତିଶତ, ବିକ୍ରାନ୍ତ ବିଶ୍ୱାଳ ୮୮ପ୍ରତିଶତ ଓ ପ୍ରତୀକ୍ଷା ପ୍ରିୟଦର୍ଶିନୀ ବେହେରା ୮୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ଅକ୍ଷୟ କୁମାର ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସରୋଜକାନ୍ତ ଦାସ ଓ ଭାରପ୍ରାପ୍ତ ଅଧ୍ୟକ୍ଷା ରଶ୍ମିତା ବିଶୋଇ ସମସ୍ତ କୃତୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନାଚକ୍ର

**ମହିମା ବହିମେଳାର ସପ୍ତମ ସନ୍ଧ୍ୟା**

ଢେଙ୍କାନାଳ,୧୬।୪(ରତନ ନାୟାର)



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ ନିୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ସହରସ୍ଥିତ ମିନି ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ଦ୍ୱିତୀୟ ମହିମା ବହିମେଳାର ସପ୍ତମ ସନ୍ଧ୍ୟାରେ ଗୁରୁବାର ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ନିଶିଗନ୍ଧା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆସିଥିବା ସାହିତ୍ୟିକ ଓ ଢେଙ୍କାନାଳର କବିମାନଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, ଜିଲା ଲେଖିକା ସଂସଦ ଆବାହିକା ସୁକାନ୍ତି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ କବି ବୈଜୟନ୍ତୀ ପଟ୍ଟନାୟକ କବିତାଗୁଡ଼ିକୁ ସଂଯୋଜନା କରିଥିଲେ । ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଗବେଷକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ପ୍ରବଚକ ପ୍ରତାପ କିଶୋର ନନ୍ଦ, ଶିକ୍ଷାବିତ ଅଟଳ ବିହାରୀ ଦାସ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ । ନିୟୁ ଇଣ୍ଡିଆ ସମ୍ପାଦକ ତଥା ବହିମେଳାର ଆବାହକ ଶେଷଦେବ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ଅବନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶୈଳବାଳା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

**ସିଏମ୍ ଟ୍ରଫି ପ୍ରତିଯୋଗିତା ୧୮ରୁ**

# ପ୍ରଥମ ପର୍ଯ୍ୟାୟରେ କ୍ରୀଡ଼ାବିତ୍‌ଙ୍କୁ ମିଳିଲା କିଟ୍

ଢେଙ୍କାନାଳ,୧୬।୪(ରତନ ନାୟାର)



ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୮ ତାରିଖରୁ ଦୁଇଦିନ ବ୍ୟାପୀ ସିଏମ୍ ଟ୍ରଫି ପ୍ରତିଯୋଗିତା ଏବଂ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଗୁରୁବାର ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମଠାରେ ପ୍ରଥମ ପର୍ଯ୍ୟାୟରେ କିଛି ଖେଳାଳିଙ୍କୁ କିଟ୍ ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଖେଳାଳିମାନଙ୍କୁ କିଟ୍ ପ୍ରଦାନ କରିଥିଲେ । ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଅଭିଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଷ୍ଟାଡିୟମଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ ୪ଟି ଖେଳକୁ ନେଇ ପ୍ରତିଯୋଗିତା ହେଉଛି । ଫୁଟବଲ, ଭଲି, ଖୋଖୋ ଓ କବାଡି ଆଦି ପ୍ରତିଯୋଗିତା ହେଉଛି । ଉଭୟ ମହିଳା ଓ ପୁରୁଷ ଖେଳାଳିଙ୍କ ପାଇଁ ଏହି ପ୍ରତିଯୋଗିତା ହେବ । ଭଲିର ଗୋଟିଏ ଇଭେଣ୍ଟ ଟାଟାଷ୍ଟିଲ ମେରାମଣ୍ଡଳୀ ସହାୟତାରେ ଅନୁଷ୍ଠିତ ହେବ। ବ୍ଲକସ୍ତରରୁ ଚୟନ ହୋଇ ଆସିଥିବା ଦଳଗୁଡିକ ଏଥିରେ ଅଂଶଗ୍ରହଣ କରିବେ । ଦୁଇମାସ ଆଗରୁ ଏଥିପାଇଁ ରେଜିଷ୍ଟ୍ରେଶନ ହୋଇଛି । ଖେଳାଳିମାନଙ୍କୁ ଦୁଇହଳ ଡ୍ରେସ୍, ଜୋତାମୋଜା ଓ କିଟ୍ ପ୍ରଦାନ କରାଯାଇଛି । ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ କହିଲେ ଯେ, ଓଡିଆ ସରକାରଙ୍କ କ୍ରୀଡା ବିଭାଗ ପକ୍ଷରୁ ତୃଣମୂଳସ୍ତରରୁ କ୍ରୀଡ଼ା କ୍ଷେତ୍ରରେ ପ୍ରତିଭା ଅନ୍ୱେଷଣ ପାଇଁ ଏହାଏକ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ ପଟ୍ଟନାୟକ, ସରୋଜ ପାଢୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ବାବୁ ପାଢୀଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ ।



